# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 13 May – 2024

---

## ଓଡ଼ିଶା ନିର୍ବାଚନ

ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ମତଦାନ ବର୍ତ୍ତମାନ ଓଡ଼ିଶାରେ ପ୍ରଥମ ତଥା ଦେଶରେ ଚତୁର୍ଥ ପର୍ଯ୍ୟାୟ ଭୋଟ୍ ଅନୁଷ୍ଠିତ ହେଉଛି । ରାଜ୍ୟର କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର ଓ ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ଏବଂ ଏହା ଅଧୀନ ୨୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ଚାଲିଛି । ଏହି ପର୍ଯ୍ୟାୟରେ ୨୮୦ଜଣ ପ୍ରାର୍ଥୀଙ୍କର ଭାଗ୍ୟ ନିର୍ଦ୍ଧାରଣ ହେବ । ଏଥିରେ ୪ଟି ସଂସଦୀୟ କ୍ଷେତ୍ର ଲାଗି ୩୭ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ବିଧାନସଭା ଆସନ ଗୁଡ଼ିକରେ ୨୪୩ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି ।

୭ହଜାରରୁ ଊର୍ଦ୍ଧ୍ୱ ମତଦାନ କେନ୍ଦ୍ରରେ ୬୨ଲକ୍ଷ ୮୭ହଜାର ୨୨୨ଜଣ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । ନିର୍ବାଚନ କାର୍ଯ୍ୟକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ଲାଗି ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ କରିବା ପାଇଁ ୧୭ ହଜାର ପୁଲିସ ଫୋର୍ସ ମୁତୟନ କରାଯାଇଛି। ଏହାଛଡ଼ା ୧୦୪ କମ୍ପାନୀ ଅର୍ଦ୍ଧସାମରିକ ବାହିନୀ ଓ ୬୬ ପ୍ଲାଟୁନ୍ ଏ.ଏସ୍.ପି. ମଧ୍ୟ ମୁତୟନ କରାଯାଇଛି। ୬୦୦ ମୋବାଇଲ୍ ପାର୍ଟି ବିଭିନ୍ନ ବୁଥ୍ ତଦାରଖ କରୁଛନ୍ତି।

ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ୨୧୦ଟି ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ, ୧୯୫ ସର୍ଭେଲାନ୍ସ ଟିମ୍ ମୁତୟନ କରାଯାଇଛି ।

## ନବରଙ୍ଗପୁର-ନିର୍ବାଚନ

ଆସନ୍ତୁ ଆମ ପ୍ରତିନିଧି ପ୍ରଭାତି ବିଶୋୟୀ, ନବରଙ୍ଗପୁରର ଫରେଷ୍ଟ କଲୋନୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ବୁଥ୍‌ରେ ଉପସ୍ଥିତ ରହି ଭୋଟ୍ କିଭଳି ଚାଲିଛି ସେ ସମ୍ପର୍କରେ କହିଛନ୍ତି ....

**V/o-**

# ଚତୁର୍ଥ ପର୍ଯ୍ୟାୟ ମତଦାନ

ଦେଶରେ ଆଜି ଲୋକସଭା ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ ଲାଗି ମତଦାନ ଚାଲିଛି । ଏହି ପର୍ଯ୍ୟାୟରେ ୯ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୯୬ଟି ଲୋକସଭା ଆସନରେ ମତଦାନ ହେଉଛି । ଆନ୍ଧ୍ରପ୍ରଦେଶର ୨୫, ତେଲେଙ୍ଗାନାର ୧୭, ଉତ୍ତରପ୍ରଦେଶର ୧୩, ମହାରାଷ୍ଟ୍ରର ୧୧, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗର ୮ଟି ଲେଖାଏଁ ଆସନ, ବିହାରର ୫ଟି, ଝାଡ଼ଖଣ୍ଡ ଓ ଓଡ଼ିଶାର ୪ଟି ଲେଖାଏଁ ଆସନ ସହ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରର ଗୋଟିଏ ଆସନରେ ମତଦାନ ଚାଲିଛି । ଚତୁର୍ଥ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ମୋଟ ୧ ହଜାର ୭୧୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

## ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୦ ତାରିଖରେ ଓଡ଼ିଶା ଆସି ପୁରୀ, କଟକ ଓ ଅନୁଗୁଳରେ ଦଳ ପକ୍ଷରୁ ଜନସଭାକୁ ସମ୍ବୋଧନ କରିବେ। ଏହାଛଡ଼ା ପୁରୀରେ ଏକ ରୋଡ୍ ସୋ'ରେ ଭାଗ ନେବେ ବୋଲି ବିଜେପି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା ୧୫ ତାରିଖରେ ରାଉରକେଲା, ସୋରଡ଼ା ଓ କଣ୍ଟାବାଞ୍ଜିରେ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ଅନୁରୂପ ଭାବେ ଆସନ୍ତା ୧୭ ତାରିଖରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ସେ ସୁନ୍ଦରଗଡ, ହିଞ୍ଜିଳି ଏବଂ ପଦ୍ମପୁରଠାରେ ଆୟୋଜିତ ନିର୍ବାଚନ ସଭାରେ ଯୋଗଦେବେ ।

## ଫେଡେରେସନ କପ୍

କଳିଙ୍ଗ ଷ୍ଟାଡିୟମଠାରେ ୨୭ତମ ଜାତୀୟ ଫେଡେରେସନ କପ୍ ସିନିୟର ଆଥ୍‌ଲେଟିକ୍ ଚାମ୍ପିୟନସିପ୍ ଗତକାଲିଠାରୁ ଆରମ୍ଭ ହୋଇଛି । ପ୍ରଥମ ଦିବସରେ ଅନୁଷ୍ଠିତ ମହିଳା ଓ ପୁରୁଷ ୪୦୦ ମିଟର ହର୍ଡଲ୍ସରେ ପଞ୍ଜାବର ଭୀରପଲକୌର୍ ଓ ତାମିଲନାଡୁର ସନ୍ତୋଷ କୁମାର ଟି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ମହିଳା ୪୦୦ ମିଟର ହର୍ଡଲ୍ସରେ ଭୀରପଲ ଅଣଷଠୀ ଦଶମିକ ୪/୩ ସେକେଣ୍ଡ ସମୟ ନେଇ ପ୍ରଥମ ହୋଇଥିବାବେଳେ କେରଳର ସାଲିନୀ ଭଲୁପରମ୍ ବିଲ୍ ଓ ପଞ୍ଜାବର ରଣଦୀପ କୌର୍ ରୌପ୍ୟ ଓ ବ୍ରୋଞ୍ଜ

ପଦକ ପାଇଛନ୍ତି । ସେହିପରି ପୁରୁଷ ବିଭାଗରେ ସନ୍ତୋଷ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ପଞ୍ଜାବର ନିଖିଳ ଭରଦ୍ୱାଜ ଓ ଗୁଜୁରାଟର ଧବଲ ମହେଶ ପ୍ରଥମ ୩ଟି ସ୍ଥାନ ଅଧିକାର କରିଥିଲେ । ଓଡ଼ିଶାର ଶ୍ରାବଣୀ ନନ୍ଦ ୨୦୦ମିଟର ରେସ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି । ପ୍ରିଲିମ ହିଟ୍-୩ରେ ରେସ୍ କରିଥିବା ଶ୍ରାବଣୀ ୪୮ଦଶମିକ ୧/୮ ସେକେଣ୍ଡ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି ।

## ପାଣିପାଗ

କାଳବୈଶାଖୀ ବର୍ଷା ଯୋଗୁଁ ରାଜ୍ୟରେ ବିଭିନ୍ନ ସ୍ଥାନରେ ତାପମାତ୍ରା ହ୍ରାସ ପାଇଛି । ଆଉ ୪ଦିନ ପର୍ଯ୍ୟନ୍ତ ଏହିଭଳି କାଳବୈଶାଖୀ ଜନିତ ବର୍ଷା ହେବାର ସମ୍ଭାବନା ରହିଛି । ତେବେ ୧୭ ତାରିଖରେ ରାଜ୍ୟରେ ପୁଣି ତାତି ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।